# ଭାଷା ହିଁ ଅଗ୍ରଣୀ ପ୍ରଦେଶ ଗଠନର ମୁଖ୍ୟ ମାଧ୍ୟମ

## ବନ୍ଦେ ଉତ୍କଳ ଜନନୀରେ କମ୍ପିଲା ନବରଙ୍ଗପୁର

**ନବରଙ୍ଗପୁର,୧।୪(ବି.ପ୍ର.)**

ନବରଙ୍ଗପୁରରେ ଗୁରୁବାର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ ୪ଟାରେ ଏକ ଗାଡ଼ିରେ ଡାକବାଜି ଯନ୍ତ୍ର ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଏହାପରେ ସକାଳ ୭ଟାରେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ପିଡି ଡିଆରଡିଏ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଏବଂ ଖବରଦାତାମାନେ ଉପସ୍ଥିତ ରହି ବରପୁତ୍ର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନବରଙ୍ଗପୁରସ୍ଥିତ ସ୍ଥାନୀୟ ତୃପ୍ତି ହୋଟେଲ ସମ୍ମିଳନୀ କକ୍ଷରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ରଜତ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରେମଚାନ୍ଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ବେହେରା, ପ୍ରଭାସିନୀ ମହାନ୍ତି, ତପନ ବିଷୋୟୀ, ଜେମାମଣି ବିଷୋୟୀ, ଗୋପାଳ ପାଣିଗ୍ରାହୀ, କୈଳାସ ବେହେରା, ଜଗଦୀଶ ତ୍ରିପାଠୀ, ଦେବଦାସ ମହାକୁଡ, ସଞ୍ଜୀବ ସିଂ, ସରୋଜ ତ୍ରିପାଠୀ, ପର୍ଶୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା ଓ ଅନ୍ୟ ଅତିଥିମାନେ ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

**ଉମରକୋଟ, (ସ୍ୱ.ପ୍ର.)**

ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ପ୍ରଫୁଲ୍ଲ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଡାକ୍ତର ସୁରେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାଷା ହିଁ ସୃଜନାତ୍ମକ ଭାବନାର ପରିପୃଷ୍ଟ ଓ ଅଗ୍ରଣୀ ପ୍ରଦେଶ ଗଠନର ମୁଖ୍ୟ ମାଧ୍ୟମ ବୋଲି ମୁଖ୍ୟବକ୍ତାଭାବେ ଯୋଗଦେଇଥିବା ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ କହିଛନ୍ତି। ଉମରକୋଟ ଓକିଲ ସଂଘ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ସଭାପତି ତପନ ଦେବନାଥ, ସମ୍ପାଦକ ଶାନ୍ତନୁ ବାହିନୀପତି, ମାର୍କଣ୍ଡ ସାହୁ, କମଳ ଗାଇନ, ଭଗବାନ କଲାର, ସଞ୍ଜୟ ବିଶୋଇ, ଅରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ରାଇଘର, (ଡି.ଏନ୍.ଏ.)**

ରାଇଘର ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ସନାତନ ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ଅଧ୍ୟାପକ ପରୀକ୍ଷିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ବିଜୟ ସେଠୀ, ଶିକ୍ଷାବିତ୍ ଭଗବାନ ଜେନା, ପୂର୍ଣ୍ଣାନନ୍ଦ ବାରିକ, ମନୋରମା ମହାପାତ୍ର,ଅନନ୍ତ ବାରିକ ପ୍ରମୁଖ ଯୋଗଦେଇ ଉତ୍କଳର ପରମ୍ପରା ଉପରେ ଆଲୋଚନା କରିଥିଲେ। କିରଣ ମହାପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଭିରାମ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଉପେନ୍ଦ୍ର ପଦ୍ମପୁର ବ୍ଲକ୍ କଂଗ୍ରେସ ସଭାପତି



ପଦ୍ମପୁର,୧।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ କଂଗ୍ରେସ ସଭାପତି ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିଲା। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବ୍ଲକ୍ ସଭାପତି ରୂପେ ଯୁବ ନେତା ଉପେନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ଉପେନ୍ଦ୍ରଙ୍କୁ ବ୍ଲକ୍ ସଭାପତି ଘୋଷଣା କରିଛନ୍ତି। ଏହାକୁ ନେଇ ବ୍ଲକ୍ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ଉପନିର୍ବାଚନ ସମୟରେ ପଦ୍ମପୁର ଅଞ୍ଚଳରେ କଂଗ୍ରେସର ପ୍ରଚାର ଓ ପ୍ରସାରରେ ଯୁବନେତା ଉପେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଏବଂ ଜିଲା ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ନିଲାବାଡ଼ି ଯାତ୍ରା ଉଦ୍‌ଯାପିତ

ଟିକିରି,୧।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୁଡୁକାବାହାଲ ପଞ୍ଚାୟତ ମଇଲିଗୁଡ଼ା ଗ୍ରାମରେ ଚାଲିଥିବା ମା’ ନିଲାବାଡ଼ିଙ୍କ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମା’ଙ୍କ ଦର୍ଶନ ପାଇଁ ଆଖ ପାଖ ଅଞ୍ଚଳରୁ ଶ୍ରଦ୍ଧାଳୁ ପହଞ୍ଚିଥିଲେ। ତେବେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ଅଜୟ ମାଝି ଏବଂ ତାଙ୍କ ମା’ ପୂଜାର୍ଚ୍ଚନା କରିଥିଲେ। ସେହିପରି ଯାତ୍ରାର ସୁପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ। ଗୁରୁବାର ଉଦ୍‌ଯାପନୀ ଦିନରେ ମା’ ବିଭିନ୍ନ ସାହି ପରିକ୍ରମା କରିଥିଲେ।

### ‘ଶ୍ରୀ ତୁଳସୀ’ ପତ୍ରିକା ଉନ୍ମୋଚିତ




କୋଷାଗୁମୁଡ଼ା, ୧।୪(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଉତ୍କଳ ସାହିତ୍ୟ ପରିଷଦର ‘ଶ୍ରୀ ତୁଳସୀ’ ପତ୍ରିକାର ଦ୍ୱାଦଶ ସଂସ୍କରଣ ଉନ୍ମୋଚନ କରାଯାଇଛି। ଯୁବ ସାହିତ୍ୟିକ କୁଞ୍ଜ ବିହାରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ବଲ୍ଲଭ ରାଉତ ମୁଖ୍ୟବକ୍ତା, ଦୁର୍ଗା ପ୍ରସାଦ ପାଢ଼ୀ, ଡମ୍ବରୁ ପଟ୍ଟନାୟକ, ବିଜୟ ଚୌଧୁରୀ, ଅଶୋକ ପଟ୍ଟନାୟକ, ଆର୍. ପ୍ରଭାକର ରାଓ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ନିଜ ଭାଷାକୁ ସମ୍ମାନ ଦେଲେ ଜାତି ଆଗେଇବ ବୋଲି ଅତିଥିମାନେ କହିଥିଲେ। ରମେଶ ପଟ୍ଟନାୟକ, ବିଜୟ ଚୌଧୁରୀ ଓ ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ୫୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପତ୍ରିକା ସମ୍ପାଦକ ସହଦେବ ପରିଡ଼ା ପରିଚାଳନା କରିଥିଲେ।

# ପାପଡ଼ାହାଣ୍ଡିର ସନ୍ତୋଷ ରାଜ୍ୟର ଶ୍ରେଷ୍ଠ କନଷ୍ଟେବଲ



ଡିଜି ଅଭୟ ସନ୍ତୋଷଙ୍କୁ ପୁରସ୍କୃତ କରୁଛନ୍ତି।

## ପୋଲିସ ପ୍ରତିଷ୍ଠା ଦିବସରେ ସମ୍ମାନିତ କଲେ ଡିଜି

**ପାପଡ଼ାହାଣ୍ଡି,୧।୪(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ସନ୍ତୋଷ ନାୟକଙ୍କୁ ରାଜ୍ୟର ଶ୍ରେଷ୍ଠ କନଷ୍ଟେବଲଭାବେ ସମ୍ମାନିତ କରାଯାଇଛି। ଗୁରୁବାର କଟକସ୍ଥିତ ୬ଷ୍ଠ ବାଟାଲିଆନ ଗ୍ରାଉଣ୍ଡରେ ଆୟୋଜିତ ୮୬ତମ ପୋଲିସ ପ୍ରତିଷ୍ଠା ଦିବସରେ ଡିଜି ଅଭୟ ତାଙ୍କୁ ପୁରସ୍କୃତ କରିଛନ୍ତି। ସନ୍ତୋଷଙ୍କୁ ଅଭିମନ୍ୟୁ ପ୍ରଧାନ ମେମୋରିଆଲ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ରାଜ୍ୟ ଓଆର୍ କନଷ୍ଟେବଲ ର୍‍ୟାଙ୍କର ସନ୍ତୋଷ ଏକମାତ୍ର କର୍ମଚାରୀ ଯେ କି ଏହି ଗୌରବ ପାଇଛନ୍ତି। ନିଜ କର୍ତ୍ତବ୍ୟନିଷ୍ଠା, ଗୁରୁଜନ ଓ ହିତାକାଂକ୍ଷୀଙ୍କ ଆଶୀର୍ବାଦ ଯୋଗୁ ଏହି ସମ୍ମାନ ମିଳିଛି ବୋଲି ସେ କହିଛନ୍ତି। ସନ୍ତୋଷ ବର୍ତ୍ତମାନ ଜିଲା ଏସ୍‌ପି କାର୍ଯ୍ୟାଳୟରେ କାମ କରୁଛନ୍ତି। ସନ୍ତୋଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

# ସେବା, ସୁରକ୍ଷା ମନୋଭାବ ନେଇ କାମ କରୁଛି ପୋଲିସ




ଏସ୍‌ଆଇ ନଟବର ନନ୍ଦଙ୍କୁ ଏସ୍‌ପି ସମ୍ମାନିତ କରୁଛନ୍ତି।

**ନବରଙ୍ଗପୁର,୧।୪ (ବି.ପ୍ର.)**

ନବରଙ୍ଗପୁରସ୍ଥିତ ପୋଲିସ ରିଜର୍ଭ ପଡ଼ିଆଠାରେ ୮୬ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପୋଲିସ ଦେଶ ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ସେବା ମନୋଭାବ ରଖି କାର୍ଯ୍ୟ କରିଆସୁଛି ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଜିଲାର ଉତ୍ତମ ଏସ୍‌ଆଇ ଭାବେ କୋଡିଙ୍ଗା ଭାରପ୍ରାପ୍ତ ଥାନାଧିକାରୀ ନଟବର ନନ୍ଦଙ୍କୁ ସମ୍ମାନିତ କରାଯାଇଛି। ମଇଦଲପୁର ଏଏସ୍‌ଆଇ ଅନାମୁ ଦିଆନ, ହାବିଲଦାର ପଦଲାମ ଜାନି, ଏପିଆର୍ କନଷ୍ଟେବଲ ଚିତ୍ତୁ ଭତରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଡିଏଫ୍ଓ ମଗର ଧନଜୀ ରାଓସୋ, ଜିଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ସି.ଏଚ୍. ହୃଦୟାନନ୍ଦଙ୍କ ସମେତ ସିଆର୍‌ପିଏଫ୍‌ର ଅଧିକାରୀ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର,ଏସ୍‌ଡିପିଓ ଆଦିତ୍ୟସେନ ଉପସ୍ଥିତ ଥିଲେ।

## ଭାଗ୍ୟ ସାଜିଛି ବଇରି
### ଅସହାୟ ରୋହିତଙ୍କ ମୁଣ୍ଡରେ ବଢୁଛି ଟ୍ୟୁମର

**ଟିକିରି, ୧।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ହାଡିଗୁଡ଼ା ପଞ୍ଚାୟତ ତଳଡେସେକା ଗାଁର ରୋହିତ ମାଝି। ପିଲାଟି ଦିନରୁ ମା’ ବାପା ଚାଲିଯାଇଛନ୍ତି ଆରପାରିକୁ। ଦୁଃଖ କଷ୍ଟରେ ବଞ୍ଚୁଥିବାବେଳେ ବଇରି ସାଜିଛି ଭାଗ୍ୟ। ରୋହିତଙ୍କ ମୁଣ୍ଡରେ ଏବେ ଟ୍ୟୁମର, ଯାହାକି ଧୀରେ ଧୀରେ ବଢୁଛି। ଟ୍ୟୁମର ବଢିବା ସାଙ୍ଗକୁ ଯନ୍ତ୍ରଣା ମଧ୍ୟ ଦେଉଛି ବୋଲି ରୋହିତ କହିଛନ୍ତି। ଗାଁ ଲୋକଙ୍କ ଗାଈ, ମେଣ୍ଢା ଚରାଉଛି।



ସେଥିରୁ ଯାହା ଟଙ୍କା ମିଳୁଛି ସେଥିରେ ଖାଇ ପିଇ ବଞ୍ଚୁଛି। ଟ୍ୟୁମରର ଚିକିତ୍ସା କରାଇବାକୁ ଅର୍ଥ ଯୋଗାଡ଼ କରିବା ମୋ ପାଇଁ କଷ୍ଟକର ବୋଲି ରୋହିତ କହିଛନ୍ତି। ସରକାର ରୋହିତଙ୍କ ଚିକିତ୍ସା କରାନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି।

# ତୋହରା ଜଙ୍ଗଲରେ ନିଆଁ



ତୋହରା ଜଙ୍ଗଲରେ ଲାଗିଥିବା ନିଆଁ।

**ଉମରକୋଟ, ୧।୪(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ଜଙ୍ଗଲରେ ଗୁରୁବାର ପୂର୍ବାହ୍ନରେ ନିଆଁ ଲାଗିଥିଲା। ପ୍ରାୟ ସାଢ଼େ ଚାରି ଏକର ଜଙ୍ଗଲରେ ନିଆଁ ଲାଗି ଯାଇଥିଲା। କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ତୋହରା ଫରେଷ୍ଟର ଲମ୍ବୋଦର ସମରଥ, ପାରା ଗାର୍ଡ ଦୟାନନ୍ଦ ମାଝି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ପୋଲିସ କର୍ମଚାରୀ ନକୁଳ ମାଝି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ଏ ନେଇ ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରୁ, ଜଙ୍ଗଲରେ କିଏ ନିଆଁ ଲଗାଇଛି ତାହା ଜଣାପଡିନାହିଁ। ତଦନ୍ତ ଚାଲିଛି। ଦୋଷୀ ଧରାପଡ଼ିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## କୋରାପୁଟରୁ ୪ କରୋନା ଆକ୍ରାନ୍ତ ଚିହ୍ନଟ

**କୋରାପୁଟ,୧।୪(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ଗୁରୁବାର କରୋନାରେ ୪ ଜଣ ଆକ୍ରାନ୍ତ ହୋଇଛନ୍ତି। ସମସ୍ତେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଏହି ୪ ଜଣଙ୍କ ମଧ୍ୟରେ ଜିଲାର ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳର ଜୟନଗର ଅଞ୍ଚଳରୁ ୨ ଜଣ,ଜଣେ ପି ଆର ପେଟାରୁ ଏବଂ ଅନ୍ୟ ଜଣେ ସୁନାବେଡା ମ୍ୟୁନିସିପାଲିଟିର ଏନଏଡି ଅଞ୍ଚଳରୁ ଚିହ୍ନଟ ହୋଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବୁଧବାର ଜିଲାରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ପୃଥକ୍ ଦୁର୍ଘଟଣାରେ ଯୁବକ ଗୁରୁତର, ମା’ ପୁଅ ଆହତ

**ଡାବୁଗାଁ, ୧।୪ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ୨ଟି ସ୍ଥାନରେ ଦୁର୍ଘଟଣା ଘଟି ଜଣେ ଗୁରୁତର ଓ ୨ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଉମରକୋଟ ଥାନା ଅଧୀନ ଝୁଟୁଗୁଡ଼ା ଗ୍ରାମର ନିଶିକାନ୍ତ ବିଶ୍ୱାସ (୨୩) ଏକ ବାଇକ୍ (ଓଆର୍-୧୦ଇ-୧୮୬୧)ଯୋଗେ ଉମରକୋଟ ଯାଉଥିବାବେଳେ ଝରିଗୁଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲେ। ଖବରପାଇ ଦମକଳ ଗାଡ଼ି ତାଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସେହିଭଳି କୋଷାଗୁମୁଡ଼ା ବ୍ଲକ ଅଧୀନ ଖୁନା ଗ୍ରାମର ବଳିଦେବ ହରିଜନ (୨୮) ଓ ତାଙ୍କ ମାଆ ରାଇମତି (୫୦) ନବରଙ୍ଗପୁରରୁ ବାଇକ୍ (ଓଡି-୨୪ସି-୮୨୩୪) ଯୋଗେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରିଗୁଡ଼ା ଗ୍ରାମ ଛକ ନିକଟରେ ଗାଡ଼ି ଆଗକୁ କୁକୁର ଆସିଯିବାରୁ ଉଭୟ ବଳିଦେବ ଓ ରାଇମତି ତଳେ ପଡି ଆହତ ହୋଇଥିଲେ। ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଉଛି।

# ଓଡ଼ିଶା ଦିବସରେ ବରପୁତ୍ରଙ୍କ ପୂଜ୍ୟପୂଜା

- ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ
- ‘ଆମେ ଓଡ଼ିଆ-ଆମ ଭାଷା ଓଡ଼ିଆ’ ଶୀର୍ଷକ ଦସ୍ତଖତ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ,୧।୪**

ରାୟଗଡ଼ାଠାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଗଜପତି ଛକରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବାହାରି ବି.ଆର୍. ଆମ୍ବେଡକର, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଜିଲା ଅଦାଲତ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ପାର୍କଠାରେ ଅବସ୍ଥାପିତ ଉତ୍କଳମଣି ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ, ସନ୍ଥ ବିନୋବା ଭାବେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଶାସ୍ତ୍ରୀନଗର ଜାତୀୟ ରାଜପଥ କଡ଼ରେ ଅବସ୍ଥାପିତ ଶହୀଦ ଲକ୍ଷ୍ମଣ ନାୟକ, ଠକ୍କର ବାପ୍ପା ଆଶ୍ରମଠାରେ ଠକ୍କର ବାପ୍ପାଙ୍କ ପ୍ରତିମୂର୍ତ୍ତି ଓ ଆଜାଦ ହିନ୍ଦ୍ ୟୁଥ୍ ଆସୋସିଏଶନ କାର୍ଯ୍ୟାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରାଯାଇଥିଲା। ଓଡ଼ିଶା ଦିବସ ଉପଲକ୍ଷେ ରାୟଗଡ଼ା ପ୍ରେସ୍ ୟୁନିୟନ, ଏସ୍‌ୟୁଜେ ଏବଂ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ‘ଆମେ ଓଡ଼ିଆ-ଆମ ଭାଷା ଓଡ଼ିଆ’ ଶୀର୍ଷକ ଦସ୍ତଖତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା ସଚେତନତା ବାର୍ତ୍ତା ସହ ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ଐତିହ୍ୟ, କଳା ଓ ବୀରତ୍ୱକୁ ନେଇ ସମସ୍ତେ ନିଜ ଭାବନାକୁ ଓଡ଼ିଆ ଭାଷାରେ ଲେଖା ମାଧ୍ୟମରେ ଉପସ୍ଥାପନ କରିବା ନିମନ୍ତେ ଏକ ସୁନ୍ଦର ବ୍ୟାନର ପ୍ରସ୍ତୁତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଜିଲାପାଳ ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆର୍‌ଡିଏ ପିଡି ମହେଶ୍ୱର ନାଏକ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ତହସିଲଦାର ଉମାଶଙ୍କର ବେହେରା, ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର, ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି, ସାମାଜିକ କର୍ମୀ ବିଦ୍ୟୁଲତା ହୁଇକା, ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ,ଜିଲା ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସକାଳେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସାମୂହିକ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ବସନ୍ତ ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ଓ ପୌର ପରିଷଦର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। କରୋନା ଗାଇଡ୍‌ଲାଇନ ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

## ସବୁଠି ଓଡ଼ିଶା ଦିବସ ପାଳିତ




ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।



ଉମରକୋଟ ଓକିଲ ସଂଘ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମ।



ରାୟଗଡ଼ା ବସ୍‌ଷ୍ଟାଣ୍ଡ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଉତ୍ତମ ସେବା ପାଇଁ ସମ୍ମାନିତ ହେଲେ ପୋଲିସ କର୍ମଚାରୀ

ରାୟଗଡ଼ା ଅଫିସ୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପୋଲିସ ପକ୍ଷରୁ ଚାନ୍ଦିଲିସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ୮୬ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ସେହିପରି ଜିଲାପାଳ ସରୋଜ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ନେଇ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମପୁର ଥାନା ଏସ୍‌ଆଇ ହିରନ୍ ପ୍ରସାଦ ଭାଟିଙ୍କୁ ଜିଲାର ଶ୍ରେଷ୍ଠ ଏସ୍‌ଆଇ ଭାବେ ସମ୍ମାନିତ କରାଯାଇଛି। ସେହିପରି ରାୟଗଡ଼ା ଥାନାର ଏଏସ୍‌ଆଇ ଏସ୍. କେ. ବେହେରାଙ୍କୁ ଶ୍ରେଷ୍ଠ ଏଏସ୍‌ଆଇ, ଅଭିରାମ ପାଣି(ଆର୍‌ଓ ହେଡ୍‌କ୍ୱାର୍ଟର୍ସ)ଙ୍କୁ ଶ୍ରେଷ୍ଠ କନଷ୍ଟେବଲ, ରଞ୍ଜନ ଗୌଡ଼ଙ୍କୁ ଶ୍ରେଷ୍ଠ ଟ୍ରାଫିକ କନେଷ୍ଟେବଲ, ପ୍ରଦୀପ କୁମାର ଦେଓ (ଆର୍‌ଓ ହେଡ୍‌କ୍ୱାର୍ଟର୍ସ)ଙ୍କୁ ଶ୍ରେଷ୍ଠ ହାବିଲଦାରଭାବେ ସମ୍ମାନିତ କରାଯାଇଛି। ସେହିପରି କରୋନା ମହାମାରୀ ସମୟରେ ପ୍ଲାଜ୍‌ମା ଦାନ କରିଥିବା ଓ ମାଓବାଦୀ ଦମନ କାର୍ଯ୍ୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଏହି ଅବସରରେ ଏସ୍‌ପି ସମ୍ମାନିତ କରିଛନ୍ତି। ସେହିପରି ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଇନ୍ସପେକ୍ଟର ପଦ୍ମା ମୁଥୁ, ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ହିକକା, ଇନ୍ସପେକ୍ଟର ସୁଜ୍ଞାନୀ ସାହୁଙ୍କୁ ମଧ୍ୟ ଉତ୍ତମ ପ୍ରଦର୍ଶନ ନିମନ୍ତେ ସମ୍ମାନିତ ହୋଇଛନ୍ତି।



ଏସ୍‌ପି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

- ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ
- ୩ ମହିଳା ଅଧିକାରୀ ପୁରସ୍କୃତ

## ସଂକ୍ଷେପରେ

### ନିଆଁ ଲିଭାଇବାକୁ ଦେଉନାହାନ୍ତି ଡଙ୍ଗରିଆ

ମୁନିଗୁଡା, ୧।୪ (ଡି.ଏନ୍.ଏ.)- ଚଳିତ ବର୍ଷ ରାଜ୍ୟ ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲାବେଳେ ଡଙ୍ଗରିଆମାନେ ଏଥିରେ ସହଯୋଗ କରିବା ଦୂରର କଥା ବନ ବିଭାଗର କର୍ମଚାରୀଙ୍କୁ ଲିଭାଇବା କାର୍ଯ୍ୟରେ ବାଧା ଦେଉଛନ୍ତି। ବୁଧବାର ମୁନିଗୁଡା ବନାଞ୍ଚଳ ଅଧୀନ ମୁନିଖୋଲ ପଞ୍ଚାୟତ ଗରଟା ଗ୍ରାମ ନିକଟ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବାକୁ କର୍ମଚାରୀମାନେ ଉଦ୍ୟମ କରୁଥିଲା ବେଳେ କେତେଜଣ ଗ୍ରାମବାସୀ ସେମାନଙ୍କୁ ଫେରି ଯିବାକୁ କହିଥିଲେ। ଆମ ଜଙ୍ଗଲ ଆମେ ଯାହା ଚାହିଁବୁ ତାହା କରିବୁ ଏବଂ ନିୟମଗିରି ସୁରକ୍ଷା ସମିତିର ନେତାମାନଙ୍କ ବିନା ଅନୁମତିରେ ଏଠାକୁ କେହି ଆସିବା ଉଚିତ ନୁହେଁ ବୋଲି ସେମାନେ କହିଛନ୍ତି। ରାୟଗଡ ବନଖଣ୍ଡର ନିୟମଗିରି ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରି ଆସୁଥିବା ଅଦିମ ଅଧିବାସୀ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ଅଧିକାଂଶ ଗ୍ରାମରେ ପୋଡୁଚାଷ ବନ୍ଦ ହୋଇଥିଲେ ସୁଦ୍ଧା ଡଙ୍ଗରିଆମାନେ ପୋଡୁଚାଷ ଛାଡିବାକୁ ନାମଙ୍ଗ ହେଉଛନ୍ତି। ଗୋଟିଏ ଏକର କିମ୍ବା ଅଧ ଏକର ପୋଡୁଚାଷ ପାଇଁ ଅବିଚାରିତଭାବେ ସେମାନେ ନିଆଁ ଲଗାଇ ଦେଉଥିବାରୁ ଶହ ଶହ ଏକର ଜଙ୍ଗଲ ସମ୍ପଦ, ସରୀସୃପ, ବନ୍ୟପ୍ରାଣୀ ଧ୍ୱଂସ ହୋଇଯାଉଛନ୍ତି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାର ପଦକ୍ଷେପ ନୁଅନ୍ତୁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ୮୬ତମ ପୋଲିସ ପ୍ରତିଷ୍ଠା ଦିବସ

ମାଲକାନଗିରି,୧।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ପୋଲିସ ପକ୍ଷରୁ ୮୬ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପରେଡ୍‌ରେ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ରିଷିକେଶ ଡି. ଖିଲାରି ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଡିଏଫ୍‌ଓ ପ୍ରଦୀପ ଦେବିଦାସ ମିରାଶେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୦ଜଣ ପୋଲିସ କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ଗୁଣପୁର,୧।୪(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଲିମାମେଡ଼ା ଗ୍ରାମରୁ ଜଣେ ବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ରାମନାଗୁଡ଼ା ଅଞ୍ଚଳର ମଞ୍ଜୁ ହାରକା। ସୂଚନା ଅନୁଯାୟୀ, ମଞ୍ଜୁଙ୍କ ସ୍ୱାମୀ ସନ୍ତୋଷ ବେହେରା ଜଣେ ଗାଡ଼ି ଚାଳକ। ଦୁହେଁ ଲିମାମେଡ଼ା ଗ୍ରାମରେ ଏକ ଭଡ଼ାଘରେ ରହୁଥିଲେ। ବୁଧବାର ରାତିରେ ସନ୍ତୋଷ ଘରକୁ ଫେରି ସ୍ତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏ ନେଇ ସେ ଥାନାରେ ଆତ୍ମହତ୍ୟା କରିଥିବା ଏତଲା ଦେଇଥିଲେ। ପୋଲିସ ଗୁରୁବାର ସକାଳେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ମଞ୍ଜୁଙ୍କ ବାପଘର ସଦସ୍ୟ ଏହା ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଏସ୍‌ଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ଏଥିସହ ଏହି ଘଟଣାରେ ସନ୍ତୋଷଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡ଼ିଛି।

### ଆଇଆରବିଏନ-୨ ପକ୍ଷରୁ ପୋଲିସ ପ୍ରତିଷ୍ଠା ଦିବସ

ଗୁଣପୁର,୧।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ଭାମିନୀସ୍ଥିତ ଆଇଆରବିଏନ୍(୨) ପକ୍ଷରୁ ଗୁରୁବାର ୮୬ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଆଇଆର୍‌ବିଏନ୍‌ର କମାଣ୍ଡାଣ୍ଟ ଦିଲୀପ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଯବାନମାନଙ୍କୁ ଆହ୍ୱାନ କରିଥିଲେ। ପ୍ଲାଜ୍‌ମା ଦାନ କରିଥିବା ୧୧ ଯବାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍ତମ ସେବା ପ୍ରଦର୍ଶନ କରିଥିବା ଏସ୍‌ଆଇ ପ୍ରଦୀପ କମାର ଦୋରା, ହାବିଲଦାର ମେଜର ବିନୟ ରୟ, ଗଗନ ବିହାରି ମିଶ୍ର ଏବଂ କନେଷ୍ଟବଲ କୁଞ୍ଜବନ ଭୁଏଁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ମନୋନିତା ଶାନ୍ତି ଦେବୀ, ଗୁଣପୁର ଉପଜିଲାପାଳ ଜେ.ସୋନାଲ୍, ଡେପଟି କମାଣ୍ଡାଣ୍ଟ ବିଧଭୂଷଣ ଉଦ୍‌ଗାତା, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍.ଭି. ଜେ. ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷାକୁ ସବୁ କାର୍ଯ୍ୟାଳୟରେ ବ୍ୟବହାର ଦାବି ଉଠିଲା

ମାଲକାନଗିରି/ଏମ୍‌ଭି-୭୯/ପଡିଆ, ୧।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ୮୬ତମ ଓଡ଼ିଶା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶାର ଅଗ୍ରଗତି, ଓଡ଼ିଆ ଭାଷା ସଂସ୍କୃତର ଉନ୍ନତି, ସୀମା ବିବାଦ ଏବଂ ସରକାରୀ ବେସରକାରୀ ଦପ୍ତରରେ ଓଡ଼ିଆ ଭାଷା ବ୍ୟବହାର ହେଉ ନ ଥିବାରୁ ଅତିଥିମାନେ କ୍ଷୋଭ ପ୍ରକାଶ କରି ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ବାଲିମେଳାର କଳାଶ୍ରୀକେତନ ଛାତ୍ରୀମାନେ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ନିଗ୍ଧା ଚୌଧୁରୀ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ଗୁଣନିଧି ନାୟକ, ପିଏ ଆଇଟିଡିଏ କ୍ଷୀରାବ୍ଧୀ ବେହେରା, ପିଡି ଡିଆର୍‌ଡିଏ ବାଳମୁକୁନ୍ଦ ଭୂୟାଁ ଉପସ୍ଥିତ ଥିଲେ। ସେହିପରି ବିବିଗୁଡ଼ାଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼ର ଅଧ୍ୟାପକ ଜୟଦେବ କର, ସମ୍ମାନିତ ଅତିଥି ନାରାୟଣ ଭୋଳ, ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଓଡ଼ିଶାର ସ୍ଥିତି, ସୀମା ବିବାଦ, ଭାଷା ବଞ୍ଚାଇ ରଖିବା ନେଇ ଆଲୋଚନା କରିଥିଲେ।

ମାଥିଲିଠାରେ ଶ୍ରୀଜଗନ୍ନାଥ ଉତ୍କଳ ବ୍ରାହ୍ମଣ ସମାଜ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା ଓ ଗରିବ ପିଲାଙ୍କୁ ମାଗଣା ଶିକ୍ଷାଦାନ କରୁଥିବାରୁ ଶିକ୍ଷକ ହାସେନ୍ ଖାନଙ୍କୁ ସମ୍ମାନିତ କରାଯାଇଥିଲା।

ଓଡ଼ିଶାର ଶେଷ ସୀମାନ୍ତ ଅଞ୍ଚଳ ମୋଟୁଠାରେ ମଧ୍ୟ ଓଡ଼ିଶା ଦିବସ ପାଳନ ହୋଇଛି। ମୋଟୁ ମୁର୍ଗି ପଏଣ୍ଟଠାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଓଡ଼ିଶା ଦିବସ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହିତ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। ତହସିଲଦାର ଶଶାଙ୍କ ଶେଖର ମିଶ୍ର ଓ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ପଡିଆ ବ୍ଲକରେ ଗୁରୁବାର ଜିଲା ବଙ୍ଗାଳି ସମାଜ ପକ୍ଷରୁ ଓଡ଼ିଶା ଦିବସ ପାଳନ ହୋଇଛି। ମୁଖ୍ୟଅତିଥି ରୂପେ ବିଧାୟକ ଆଦିତ୍ୟ ମାଢି, ପୂର୍ବତନ ବିଧାୟକ ମାନସ ମାଡକାମି, ବଙ୍ଗାଳି ସମାଜ ସଭାପତି ଗୌରାଙ୍ଗ କର୍ମକାର, ପଞ୍ଚାୟତସମିତି ଅଧ୍ୟକ୍ଷ ଦେବା ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ।


ବାଲିମେଳାର କଳାଶ୍ରୀକେତନ ଛାତ୍ରୀମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

**ଜିଲାସ୍ତରୀୟ ଓଡ଼ିଶା ଦିବସ**

## ନିର୍ଦ୍ଦେଶକୁ ପୂରିଲାଣି ବର୍ଷେ, ତଥାପି ତିଆରି ହୋଇପାରୁନି ରାସ୍ତା

କୁନ୍ଦୁରା, ୧।୪ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ଡଙ୍ଗରପାଉଁସୀ ବ୍ଲକରୁ ବେଢ଼ାପାଉଁସୀ ଏବଂ ଡଙ୍ଗରପାଉଁସୀ ପଞ୍ଚାୟତ ସଦର ମହକୁମାଠାରୁ ଜିରାଗୁଡା ରାସ୍ତା ଶୋଚନୀୟ ହୋଇପଡିଛି। ଏହାର ମରାମତି କରିବାକୁ କୋରାପୁଟ/ଜୟପୁର ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କୁ ମୋ ସରକାର ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶକୁ ଏକ ବର୍ଷରୁ ଅଧିକ ସମୟ ହୋଇ ଯାଇଥିଲେ ମଧ୍ୟ ରାସ୍ତା କାମ ଆରମ୍ଭ ହୋଇପାରିନି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତାରେ ବାଲିଗାଡ଼ି ଯିବା ଆସିବା କରିବା ଯୋଗୁ ତାହା ଶୋଚନୀୟ ହୋଇ ପଡିଥିଲା। ଏ ସମ୍ପର୍କରେ ୨୭ ଫେବୃୟାରୀ ୨୦୨୦ରେ ଖବର ପ୍ରକାଶ ପାଇଥିଲା। ସାମାଜିକ କର୍ମୀ ଚାରୁବାଳା ବାରିକ ଏବଂ ଦିବସ କୁମାର ସାହୁ 'ମୋ ସରକାର' କୁ ଏ ନେଇ ଟୁଇଟ୍ କରିଥିଲେ। ମୋ ସରକାର ତରଫରୁ ୨୮।୨।୨୦ରେ ପ୍ରଦୀପ ଜେନା ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ/ଜୟପୁର ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କୁ ରାସ୍ତାର ଏକ ପ୍ଲାନ୍ ତିଆରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପାଇବାପରେ ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ୫୦୦ ମିଟର ରାସ୍ତା ନିର୍ମାଣ କରି ଦୀର୍ଘ ଏକ ବର୍ଷ ହେବ ଚୁପ୍ ବସିଛି। ଏହି ରାସ୍ତା ଦେଇ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଅନନ୍ତ ବିଦ୍ୟାପୀଠ ଏବଂ ୩ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଦିନ ଯାତାୟାତ କରୁଛନ୍ତି। ସେହିଭଳି ଉକ୍ତ ରାସ୍ତାଦେଇ ଖାଉଟି ସାମଗ୍ରୀ ନେବାକୁ ଆସୁଥିବା ହିତାଧିକାରୀ, ପେନ୍‌ଶନଧାରୀ ବୃଦ୍ଧାବୃଦ୍ଧମାନେ ଯାତାୟତ କଲାବେଳେ ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସୁଶିଲ ସରାବଙ୍କୁ ପଚାରିବାରୁ, ଏ ବିଷୟ ନେଇ ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ଆଲୋଚନା କରିବି। ରକ୍ଷଣାବେକ୍ଷଣ ଅର୍ଥରୁ ଅତିଶୀଘ୍ର ରାସ୍ତା ତିଆରି କରାଯିବ ବୋଲି ସେ କହିଛନ୍ତି।

## ଅବାଧରେ ଉମରକୋଟକୁ ଆସୁଛନ୍ତି ଛତିଶଗଡ଼ବାସୀ

ଉମରକୋଟ, ୧।୪(ସ୍ୱ.ପ୍ର.)

କରୋନା ଦିନକୁଦିନ କାୟା ବିସ୍ତାର କରିଚାଲିଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଛତିଶଗଡ଼ବାସୀ ଉମରକୋଟ ଦେଇ ଓଡ଼ିଶାକୁ ପ୍ରବେଶ କରୁଛନ୍ତି। ଜିଲାରେ କରୋନାକୁ ଆୟତ୍ତ କରିବାକୁ ପ୍ରଶାସନ ବିଭିନ୍ନ ଗାଇଡ୍‌ଲାଇନ୍ ଜାରି କରୁଛି। ସେପଟେ ଛତିଶଗଡ଼ ସରକାର ସୀମାନ୍ତ ଗ୍ରାମରେ ମାସ୍କ, ସାନିଟାଇଜର ଓ କରୋନା ସହ ଜଡ଼ିତ ସମସ୍ତ କଟକଣାକୁ କଡ଼ାକଡ଼ି କରିଛନ୍ତି। କିନ୍ତୁ ସୀମାରେ ଉଭୟ ରାଜ୍ୟର ସରକାର କୌଣସି କଟକଣା କରି ନ ଥିବାରୁ ଅବାଧ ପ୍ରବେଶ ଚାଲିଛି। ସମୟ ଆଗରୁ ପ୍ରଶାସନ ସଜାଗ ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭାସ୍କର ରଇତଙ୍କ ସହ ଯୋଗାଯୋଗ କରିବାରୁ ସୀମାନ୍ତରେ ଏଯାଏ କୌଣସି କଟକଣା ନାହିଁ। ଯଥାଶୀଘ୍ର ଏ ବିଷୟରେ ଆଲୋଚନା କରି ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

**ସୀମାରେ ନାହିଁ କରୋନା କଟକଣା**

## ଜନଜାତିଙ୍କ ପୁଷ୍ଟି ଉନ୍ନତୀକରଣ କାର୍ଯ୍ୟକ୍ରମ ଆରମ୍ଭ


ଜିଲାପାଳ ଜଣେ ମହିଳାଙ୍କୁ ଖାଦ୍ୟ ପରଷୁଛନ୍ତି ।

ରାୟଗଡ଼ା ଅଫିସ/ବିଷମକଟକ,୧।୪

ରାୟଗଡ଼ା ଜିଲାରେ ବସବାସ କରୁଥିବା ଆଦିମ ଜନଜାତିଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ କରିବା ଓ ଅପପୁଷ୍ଟି ଦୂର କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ପୁଷ୍ଟି ଉନ୍ନତୀକରଣ କାର୍ଯ୍ୟକ୍ରମ। ଜିଲାପାଳ ସରୋଜ କୁମାର ମିଶ୍ର ଏହାର ଶୁଭାରମ୍ଭ କରିଛନ୍ତି। ବିଷମକଟକ ବ୍ଲକ୍ କୁର୍ଲି ଓ ଖମ୍ବେସିଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ବିଶେଷକରି ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇଛି। ଏଥିପୂର୍ବରୁ ଶିଶୁ ବିକାଶ ବିଭାଗରୁ ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ ଦିଆଯାଇ ଶୁଖିଲା ଖାଦ୍ୟ ଦିଆଯାଉଥିଲା। ଏହାଦ୍ୱାରା ପରିବାରର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବାଣ୍ଟି ଖାଇବା ଯୋଗୁ ଗର୍ଭବତୀ ଓ ପ୍ରସୂତଙ୍କ ପାଇଁ ଯଥେଷ୍ଟ ହେଉ ନ ଥିଲା। ତେଣୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଣିକି ପ୍ରତ୍ୟେକ ଗ୍ରାମରେ ପୁଷ୍ଟିକର ରନ୍ଧାଖାଦ୍ୟ ଦିଆଯିବ। ଏଥିପାଇଁ ପ୍ରତ୍ୟେକ ଗ୍ରାମରେ ରୋଷେଇ ନିମନ୍ତେ ଜଣେ ଜଣେ ମହିଳାଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ)ର ତତ୍ତ୍ୱାବଧାନରେ ଅଞ୍ଚଳର କୁର୍ଲି, ଖମ୍ବେସି, ଖଜୁରି, ରୋଡାଙ୍ଗ, ଜାଙ୍ଗାଯୋଡ଼ି, ମୁଣ୍ଡବାଳି, ହୁଣ୍ଡିଜାଳି ଗ୍ରାମରେ ଚାଲିବ। ଏହା ବ୍ୟତୀତ ଯେଉଁ ମା', ବାପା କାମକୁ ଯିବା ସମୟରେ ୬ମାସରୁ ୩ବର୍ଷର ଶିଶୁଙ୍କ ଖାଦ୍ୟପେୟ ବିଷୟରେ ଦୃଷ୍ଟି ଦେଇପାରୁ ନାହାନ୍ତି, ସେମାନଙ୍କୁ ଶିଶୁଯତ୍ନ କେନ୍ଦ୍ରରେ ରଖାଯିବ। ଏହି ଶିଶୁମାନଙ୍କୁ ସକାଳ ଓ ସନ୍ଧ୍ୟାରେ ଜଳଖିଆ ଏବଂ ଗୋଟିଏ ବେଳା ରନ୍ଧାଖାଦ୍ୟ ଦିଆଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ଜିଲାପାଳଙ୍କ ସମେତ ଡିଆର୍‌ଡିଏ ପିଡି ମହେଶ୍ୱର ନାଏକ, ବିଷମକଟକ ବିଡିଓ ଆଲବର୍ଟ ଲାକ୍ରା, ଜିଲା ସମାଜ କଲ୍ୟାଣ ଅଧିକାରୀ ୱାହିଦା ବେଗମ, ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ମଦନମୋହନ ଦଳବେହେରା, ଓପିଲିପ୍‌ର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ, କୁର୍ଲି ସରପଞ୍ଚ ଡ୍ରିଞ୍ଜି ଜାକାସିକା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ଗୁରୁତ୍ୱ**

## ବ୍ଲକ୍‌ସ୍ତରୀୟ ଜୀବିକା ତାଲିମ ପରାମର୍ଶ କାର୍ଯ୍ୟକ୍ରମ

ଚନ୍ଦ୍ରପୁର,୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପରିସରରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ଜୀବିକା ତାଲିମ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବେକାର ଯୁବତୀ, ଯୁବକ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ଏଥିରେ ବ୍ଲକ୍‌ର ୮ପଞ୍ଚାୟତରୁ ୧୫୬ ଯୁବତୀ, ଯୁବକଙ୍କୁ ଜୀବିକା ତାଲିମ ନିମନ୍ତେ ନାମ ପଞ୍ଜୀକରଣ କରାଯାଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷା ସଙ୍ଗୀତା ପଟିଙ୍ଗା, ସମ୍ମାନୀତ ଅତିଥି ଭାବେ ଭିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ଏମ୍‌ପି ପ୍ରତିନିଧି ଭୀମ ଗଗେରଙ୍ଗା, ଚନ୍ଦ୍ରପୁର ସରପଞ୍ଚ ସୁଜିତ କୁମାର ବ୍ରେଡେକା, ଓର୍‌ମାସର ମୁଖ୍ୟ ଅଧିକାରୀ ଜି. ଏଲ୍. ରାଓ, ଚନ୍ଦ୍ରପୁର ବ୍ଲକ୍ ଓଏଲ୍‌ଏମ୍ ବିପିଏମ୍ ଶ୍ରବଣ ସିଂଙ୍କ ସମେତ ୮ ତାଲିମ ଯୋଗାଣକାରୀ ସଂସ୍ଥାର ସଦସ୍ୟ ଯୋଗ ଦେଇଥିଲେ। ଓଏଲ୍‌ଏମ୍ ବିପିଏମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚିତ୍ରକୋଣ୍ଡା ଥାନା ପକ୍ଷରୁ ଜଳଛତ୍ର

ଚିତ୍ରକୋଣ୍ଡା,୧।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ବୁଧବାର ଥାନା ସମ୍ମୁଖରେ ଏକ ଜଳଛତ୍ର ଖୋଲାଯାଇଛି। ବାଟୋଇଙ୍କୁ ପାନୀୟ ଜଳ ଓ ଦହି ଚଲା କର୍ମଚାରୀମାନେ ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମ ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପ୍ରତି ରବିବାର ଦହି ଚଲା ବାଟୋଇଙ୍କୁ ମିଳିବ। ଚିତ୍ରକୋଣ୍ଡାରେ ଅନୁଭୂତ ହେଉଛି ପ୍ରଚଣ୍ଡ ଗ୍ରୀଷ୍ମତାପ। ଏହାକୁ ଦୃଷ୍ଟିରେ ରଖି ଥାନା ପକ୍ଷରୁ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଥାନାର ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି।

## ହିତାଧିକାରୀଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଉଠିଛି ଟଙ୍କା

ଉମରକୋଟ,୧।୪(ସ୍ୱ.ପ୍ର.)

ବ୍ୟାଙ୍କ ଆକାଉଣ୍ଟରୁ ହିତାଧିକାରୀଙ୍କ ଅଜାଣତରେ ଟଙ୍କା ଉଠିଛି। ଏ ନେଇ ଗୁରୁବାର ଉମରକୋଟ ବ୍ଲକ ବେନୋରା ପଞ୍ଚାୟତ କରିଲିବେଡା ଗ୍ରାମର ଜୟନ୍ତୀ ଗଣ୍ଡ ଅଭିଯୋଗ କରିଛନ୍ତି। ସେ ବିଡିଓ ଦେବୀ ପ୍ରସାଦ ଟାଲି ଙ୍କୁ ଭେଟି ଘଟଣାର ତଦନ୍ତ କରିବାକୁ ଦାବି ମଧ୍ୟ କରିଛନ୍ତି।

ସୂଚନା ଅନୁଯାୟୀ, ଜୟନ୍ତୀ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ବହୁ ଅନୁରୋଧ କରିବା ପରେ ବ୍ଲକ ପକ୍ଷରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମିଳିଥିଲା। କାର୍ଯ୍ୟାଦେଶ ମିଳିବା ଆଗରୁ ଆବଶ୍ୟକ କାଗଜପତ୍ର ବ୍ଲକ କାର୍ଯ୍ୟାଳୟରେ ଦାଖଲ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ବ୍ଲକ ପ୍ରଶାସନ ତାଙ୍କୁ କହିଥିଲା। ଏହାପରେ ଜୟନ୍ତୀ ସିଲାଟି ଆସି ସେଠାରେ ଥିବା ଏକ ବ୍ୟାଙ୍କର କିଓସ୍କୋ ଶାଖାରେ ଆକାଉଣ୍ଟ ଖୋଲିଥିଲେ। ବ୍ଲକ ପ୍ରଶାସନ ଜୟନ୍ତୀଙ୍କୁ କିଛି ନ ଜଣାଇ ତାଙ୍କ ଆକାଉଣ୍ଟରେ ୨୦୧୯ ମେ ୭ ତାରିଖରେ ୨୦୦୦୦ ଟଙ୍କା ଜମା ମଧ୍ୟ କରିଥିଲେ। ଘର ତିଆରି କରି ନ ଥିବାରୁ କିଛି ଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଜୟନ୍ତୀଙ୍କୁ ରେଡ୍ ନୋଟିସ୍ ଜାରି କରାଯାଇଥିଲା। ଏହା ପରେ ଜୟନ୍ତୀ ବ୍ଲକ କାର୍ଯ୍ୟାଳୟକୁ ଯାଇ ତନଖି କରିଥିଲେ। ୨୦ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଯାଇଛି ବୋଲି ବ୍ଲକ ଅଫିସ ପକ୍ଷରୁ କୁହାଯାଇଛି। ଜୟନ୍ତୀ କିଓସ୍କୋ ସେଣ୍ଟରକୁ ଯାଇ ଯାଞ୍ଚ କରିଥିଲେ। ଜମା ହେବାର ଗୋଟିଏ ଦିନ ଅର୍ଥାତ୍ ୮ ତାରିଖରେ ତାଙ୍କ ଆକାଉଣ୍ଟରୁ ୩୩ ହଜାର ଟଙ୍କା ଉଠାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହାର ତଦନ୍ତ କରି ଟଙ୍କା ଫେରାଇବାକୁ ସେ ନିବେଦନ କରିଛନ୍ତି। ବ୍ୟାଙ୍କ ପରିଚାଳକଙ୍କ ସହ କଥା ହୋଇ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

**ଥାନାର ଦ୍ୱାରସ୍ଥ ହେଲେ ହିତାଧିକାରୀ**

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କେବଳ ରେଫର ସେଣ୍ଟର ପାଲଟିଛି

ତେନ୍ତୁଳିଖୁଣ୍ଟି,୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ରହିଥିବା ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକ୍‌ରେ ପାତ୍ରପୁଟ, ଅଞ୍ଚଳଗୁମ୍ମା, ମଙ୍ଗରଦୋରା ଏବଂ ପନସପଦରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ଖାତିଗୁଡ଼ାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ତେନ୍ତୁଳିଖୁଣ୍ଟିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ କେବଳ ରେଫର ସେଣ୍ଟରରେ ସୀମିତ ରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ନିଯୁକ୍ତ ହୋଇଥିଲେ ମଧ୍ୟ ସପ୍ତାହରେ କେବଳ ଦିନେ କିମ୍ବା ଦୁଇଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଅନ୍ୟଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ଅଭିଯୋଗ ହେଉଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଖୋଦ୍ ବିଧାୟକଙ୍କ ଗାଁ ତଥା ପାତ୍ରପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ପରିସ୍ଥିତି। ଏଠାରେ ନିଯୁକ୍ତି ପାଇଥିବା ଡାକ୍ତର ସପ୍ତାହରେ ମାତ୍ର ଦୁଇଦିନ ଆସନ୍ତି। ସେହିପରି କେତେବେଳେ ଆସନ୍ତି ଏବଂ କେତେ ସମୟ ରୁହନ୍ତି ତାହା ମଧ୍ୟ ଗ୍ରାମବାସୀ ଜାଣିପାରୁ ନ ଥିବା ଶୁଣିବାକୁ ମିଳିଛି। ସେହିପରି ଗର୍ଭବତୀମାନେ ସ୍ୱାସ୍ଥ୍ୟସେବା ନିମନ୍ତେ ୨୦ କି.ମି. ତେନ୍ତୁଳିଖୁଣ୍ଟି ଯିବାକୁ ବାଧ୍ୟ ହୋଇଥାନ୍ତି। ଆଶାକର୍ମୀଙ୍କ ରହଣି ପାଇଁ ମଧ୍ୟ ଗୃହ ବ୍ୟବସ୍ଥା ମଧ୍ୟ ନ ଥିବାବେଳେ ରୋଗୀ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ରହୁଛନ୍ତି। ସୂଚନାଯୋଗ୍ୟ, ପାତ୍ରପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ କହିଲେ ଜଣେ ଫାର୍ମାସିଷ୍ଟ, ଜଣେ ଏଏନ୍‌ଏମ୍, ୨ ଗାର୍ଡ ଏବଂ ଜଣେ ସୁଇପର। ସେହିପରି ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କର୍ମଚରୀଙ୍କ ପାଇଁ ରହିବା ବ୍ୟବସ୍ଥା ଥିବାବେଳେ ଏଠାରେ ଆଶାକର୍ମୀଙ୍କ ପାଇଁ ଗୃହଟିଏ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଝରିଗୁମ୍ମା, କଣ୍ଟାଗାଁ, ଅଁଳାଭଟ୍ଟା, କାମତା ଓ ପାତ୍ରପୁଟ ପଞ୍ଚାୟତବାସୀ ନିର୍ଭରଶୀଳ। କିନ୍ତୁ ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ପାଇ ରୋଗୀ ତେନ୍ତୁଳିଖୁଣ୍ଟି କିମ୍ବା ପାପଡାହାଣ୍ଡି(୨୪ କି.ମି.) ଯିବାକୁ ବାଧ୍ୟ ହୋଇଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିୟମିତ ଡାକ୍ତରଙ୍କ ରହିବା ସୁବିଧା କରାଗଲେ ରୋଗୀ ପ୍ରାଥମିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ପୂର୍ବତନ ସରପଞ୍ଚ ଦିଲୀପ ପ୍ରଧାନୀ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରା ନ ଗଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବ୍ଲକ୍ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ କହିଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ନାମରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ଫ୍ଲୁ ୱାର୍ଡ କରି ସର୍ବନିମ୍ନ ସେବା ନ ଯୋଗାଇବା ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।



ପାତ୍ରପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୦ ବାଇକ୍ ଜବତ

ଦାମନଯୋଡି,୧।୪(ଡି.ଏନ.ଏ.)- ଦାମନଯୋଡି ପୋଲିସ ବୁଧବାର ରାତିରେ କଣ୍ଟାବାଉଁଶୁଣୀ ନିକଟସ୍ଥ ଲାଡି ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୦ଟି ବାଇକ ଜବତ କରିଛି। ତେବେ ଜୁଆଡିମାନେ ଫେରାର ହୋଇଯାଇଛନ୍ତି। ଦାମନଯୋଡି ଥାନା ଅଞ୍ଚଳରେ ଗତ କିଛି ମାସ ଧରି ବେଆଇନ ମଦ କାରବାର ଓ ଜୁଆଖେଳ ଚାଲିଥିବା ନେଇ ପୋଲିସ ଖବର ରଖିଥିଲା। ବିଭିନ୍ନ ସମୟରେ ଚଢ଼ାଉ ବେଳେ ଅଭିଯୁକ୍ତମାନେ ପୋଲିସ ହାତରୁ ଖସିଯିବା ପରି ଏବେ ମଧ ଖସି ଯାଇଛନ୍ତି। ଜୁଆଖେଳ ଚଳାଇଥିବା ମାଷ୍ଟର ମାଇଣ୍ଡ ସହ ପୋଲିସର ସମ୍ପର୍କ ଥିବା ସାଧାରଣରେ ଆଲୋଚନା ହେଉଛି।

### କୋରାପୁଟ ଜିମନାଜିମର ଦୁଇ ସଦସ୍ୟ ସମ୍ମାନିତ

କୋରାପୁଟ ୧।୪ (ସ୍ୱ.ପ୍ର) କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମର ଦୁଇ କୃତୀ ସଦସ୍ୟଙ୍କୁ ମଙ୍ଗଳବାର ସମ୍ମାନିତ କରାଯାଇଛି । କୋରାପୁଟ ଜିମନାଜିମର ସଦସ୍ୟ ସତ୍ୟ ନାରାୟଣ ପାଣି ନିକଟରେ ଜାମସେଦପୁରଠାରେ ଆୟୋଜିତ ସର୍ବଭାରତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ୮୩ କେଜି ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ସେହିପରି ସପକ କୁମାର ବସନ୍ତିଆ ନିକଟରେ ରାୟଗଡା ଓ ଟିକିରିଠାରେ ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଓ ବଲାଙ୍ଗୀରେ ଆୟୋଜିତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଦେଇଥିଲେ । ମଙ୍ଗଳବାର ସଂଧ୍ୟାରେ ବାୟାମଶାଳା ପରିସରରେ ସହରର ବରିଷ୍ଠ ନାଗରିକ ଉମେଶ ଚନ୍ଦ୍ର ଲେଙ୍କା ଉଭୟଙ୍କୁ ସମ୍ମାନିତ କରିଥିଲେ। ଜିମାନଜିମର ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ନାଗରିକ ମଧୁସୂଦନ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଡିଆ,୧।୪(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁଇ ଜଣ ମହିଳା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏମାନେ ହେଲେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଦିପୁରାଣୀ ଦାସ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ପୁରୁଲ ମଣ୍ଡଳ । ଦିପୁରାଣୀ ଦୀର୍ଘ କୋଡିଏ ବର୍ଷ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେହିପରି ମଣ୍ଡଳ ଦୀର୍ଘ ୨୫ ବର୍ଷ ଧରି ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବରେ କାର୍ଯ୍ୟ କରି ଆସୁଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ବୁଦ୍ଧିକେଶ୍ୱର ମାଝୀ, ସହକାରୀ ଡାକ୍ତର ଚିତ୍ତରଞ୍ଜନ ମିଶ୍ର, ନବିନ ଚନ୍ଦ୍ର ସମନଥ, ଫାର୍ମାସିଷ୍ଟ ଅଶ୍ୱନି କୁମାର ବିଶୋୟୀ, ସୁପର ଭାଇଜର ବିଜୟ କୁମାର ନାୟକ, ଗଦାଧର ମଣ୍ଡଳ, ରାକେଶ ବେପାରୀ, ଆନନ୍ଦ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଦେ ଉତ୍କଳ ଜନନୀରେ ପାଳନ ହେଲା ଓଡ଼ିଶା ଦିବସ

ଜୟପୁର/ବୈପାରିଗୁଡ଼ା,୧।୪ (ନି.ପ୍ର.)

ଜୟପୁର ଉପଖଣ୍ଡ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଓଡ଼ିଶା ଦିବସ ପାଳିତ ହୋଇଛି । ପ୍ରଶାସନ ତରଫରୁ ସହରରେ ଥିବା ଲକ୍ଷ୍ମୀ ପଣ୍ଡା, ବିଜୁ ପଟ୍ଟନାୟକ, ବିକ୍ରମ ଦେବବର୍ମା, ଗୋପବନ୍ଧୁ ଦାସ, ଲଇଛନ ନାୟକ, କୃଷ୍ଣଚନ୍ଦ୍ର ଗଜପତି, ମହାତ୍ମାଗାନ୍ଧୀ, ସୁଭାଷ ବୋଷ, ବିଦ୍ୟାଧର ସିଂଦେଓ, ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀ ,ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବିଷୋୟୀ, ସୂଚନା ଲୋକ ସମ୍ପର୍କ ଅଧିକାରୀ ପୀତବାସ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ରଜାନଗରସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଭାଷା



ବରପୁତ୍ରଙ୍କୁ ମାଲ୍ୟାର୍ପଣ କରିଥିବା ଅତିଥିମାନେ ।

ସୁରକ୍ଷା ସମ୍ମିଳନୀ ଓ ଉତ୍କଳ ସମ୍ମିଳନୀର କୋରାପୁଟ ଜିଲା ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏଥିରେ ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ନବୀନ ମାଦଳା ଉପସ୍ଥିତ ଥିଲେ । ସେହିପରି ଜିଲା ଓକିଲ ସଂଘ ତରଫରୁ କୋର୍ଟ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓକିଲ ସଂଘ ସଭାପତି ସରୋଜ ଦାସ, ଆନନ୍ଦ ରାଥ, ଶରତ ମାଝି, ଉପସ୍ଥିତ ଥିଲେ। ଗୋପବନ୍ଧୁନଗରସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ହୋଇଥିବା କାର୍ଯ୍ୟକ୍ରମରେ ଭାଜପାର ଅମର ଲାଲ ଆହୁଜା, ମୀନକେତନ ପରିଚ୍ଛା, ଲଳିତ ଅଗ୍ରୱାଲ, ରମେଶ ବିଷୋୟୀ, ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ । ସେହିପରି ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳିତ ହୋଇଛି । ସଭାପତି ମୀନକେତନ ପରିଚ୍ଛା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଉପସ୍ଥିତ ଥିଲେ।

ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୈପାରିଗୁଡ଼ା ସାମ୍ବାଦିକ ସଂଘ ଓ ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ 'ମୋ ଓଡ଼ିଶା, ମୋ ଭାଷା ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଅତିଥି ରୂପେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଓଡ଼ିଶା ଗଠନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ସାହିତ୍ୟିକ ଅନିଲଚନ୍ଦ୍ର ଦାସ, ନିହାର ରଞ୍ଜନ ରାଉତରାୟ, ସଭାସ ଦାସ, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ବ୍ଲକ ଉପାଧକ୍ଷ ତ୍ରିଲୋଚନ ଜେନା, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ଶିକ୍ଷାବିତ୍ ବିନାୟକ ଚନ୍ଦ୍ର ବେବର୍ତ୍ତା, ବିପିନ ବିହାରୀ ମହାନ୍ତି, ଶରତ ଚନ୍ଦ୍ର ରାଉତ ଓ ବିପିନ ବିହାରୀ ପଟ୍ଟନାୟକ,ଖବରଦାତା ମୁରଲିଧର ବରାଡ଼, ଜୟପୁର ବାର୍ ଆସୋସିଏନ ସହ ସମ୍ପାଦକ ସନ୍ଦିପ ସାଇ ପାଣିଗ୍ରାହୀ,ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ କବିରାଜ ପରମେଶ୍ୱର ପାତ୍ର ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ସଂଘମିତ୍ରା ଭୋଇ ଓ କଲ୍ୟାଣୀ ବାଘ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। କ୍ଲବ ସଭାପତି ମଧୁସୂଦନ ରାଉତ ଅତିଥି ପରିଚୟ ଓ ସାହିତ୍ୟିକ ଚକ୍ରପାଣି ପରିଚ୍ଛା ସ୍ୱାଗତ ସୂଚନା ଦେଇଥିଲେ। ଖବରଦାତା କଳ୍ପତରୁ ମହାନ୍ତି ପରିଚାଳନା କରିଥିଲେ। ଏନ୍.ସନ୍ତୋଷ କୁମାର ଧନ୍ୟବାଦ ଦେଇଥିଲେ।

# ଭିଜିଲାନ୍ସ, ଲୋକପାଳଙ୍କ ଦ୍ୱାରା ହେଉ ତଦନ୍ତ

## କାଳିମେଳା ତହସିଲ ଜମି ଦୁର୍ନୀତ

ମାଲକାନଗିରି,୧।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ତହସିଲରେ କେତେଜଣ ବ୍ୟକ୍ତିଙ୍କୁ ବେନିୟମ ଭାବେ ଜମି ବନ୍ଦୋବସ୍ତ କରି ପଟ୍ଟା ପ୍ରଦାନ କରାଯାଇଛି। ଏଥିରେ କେବଳ ୨ଜଣ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ତେବେ ତହସିଲଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ। ଏନେଇ ଅଭିଯୋଗ ହେବା ପରେ ମଧ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସାମାଜିକ କର୍ମୀ ଶରତ ଚନ୍ଦ୍ର ବୁରୁଦା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସରକାରଙ୍କ ଓପିଏଲ୍‌ଇ ଆକ୍ଟର ନିୟମକୁ ଉଲ୍ଲଂଘନ କରାଯାଇ ସରକାରଙ୍କ ଓଜିଏଲ୍‌ଏସ୍ ଆକ୍ଟ ଅନୁଯାୟୀ ବସୁନ୍ଧରା ଯୋଜନାରେ ଗରିବ ଓ ବର୍ଷକୁ ୬୦ ହଜାର ଟଙ୍କା ଆୟ ଥିବା ବ୍ୟକ୍ତିଙ୍କୁ ଘରଡିହ ପଟ୍ଟା ପ୍ରଦାନ ଲାଗି ନିୟମ ରହିଛି। ଏଠାରେ ୫୮ ଜଣ ଧନିକ ଶ୍ରେଣୀର ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। କାଳିମେଳାର ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜାଗାକୁ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ନାମରେ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ କାଳିମେଳା ପଞ୍ଚାୟତ , କାଳିମେଳା ସାପ୍ତାହିକ ହାଟ ନାମରେ ଥିବା ଜାଗାକୁ ତହସିଲଦାର ଅନ୍ୟ ବ୍ୟକ୍ତିମାନଙ୍କୁ ପଟ୍ଟା ଦେଇଛନ୍ତି। ଏହାର ତଦନ୍ତ ପାଇଁ ସେ ଲୋକପାଳ, ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିବା ସହ ଓଡ଼ିଶା ହାଇକୋର୍ଟରେ ପିଏଲ୍‌ଆଇ ମାମଲା ଦାଏର କରିବେ ବୋଲି କହିଛନ୍ତି।

# ଲୋକଙ୍କ ବିଶ୍ୱାସଭାଜନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ



କୋରାପୁଟରେ ପୋଲିସ ପ୍ରତିଷ୍ଠା ଦିବସରେ ଅତିଥିମାନେ ଅଭିବାଦନ ଗ୍ରହଣ କରୁଛନ୍ତି ।

## କୋରାପୁଟରେ ପୋଲିସ ପ୍ରତିଷ୍ଠା ଦିବସ

କୋରାପୁଟ,୧।୪(ସ୍ୱ.ପ୍ର.)

ପୋଲିସ ସବୁବେଳେ ଶାନ୍ତ ସ୍ୱଭାବ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦରକାର। ଫଳରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ଗୁରୁବାର ପୋଲିସ ପଡିଆଠାରେ ଆୟୋଜିତ ୮୬ ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାକେଶ ଉତ୍ତମ ରାଓ ପଣ୍ଡିତ କହିଛନ୍ତି। କୋରାପୁଟ ଜିଲା ପୋଲିସ, ଓଏସଏପି ଏବଂ ଆଇଆରବି ବାଟାଲିୟନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପୋଲିସ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ କରୋନା ସମୟରେ ସଫଳ ଭାବେ କାର୍ଯ୍ୟକରି ମୃତ ପୋଲିସ କର୍ମଚାରୀଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଆବଶ୍ୟକ ସ୍ଥଳେ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ରୂପେ ଜିଲାପାଳ ଅବଦାଲ ମହମ୍ମଦ ଅଖତାର, ଡିଏଫଓ ରିଙ୍କୁ କୁମାରୀ , ଅତିରିକ୍ତ ଏସପି ଉତ୍କଳ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ କରୋନା ମୁକାବିଲା ନେଇ ପ୍ଲାଜମା ଦେଇଥିବା ପୋଲିସ ଓ ଯବାନଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କାର୍ଯ୍ୟରେ ସଫଳତା ଅର୍ଜନ କରିଥିବା ୧୮ ଜଣ ପୋଲିସ କର୍ମଚାରୀଙ୍କୁ ଡିଆଇଜି ସମ୍ମାନିତ କରିଥିଲେ ।

# ଜଙ୍ଗଲ ରକ୍ଷା କରିବାକୁ ଅଣ୍ଟା ଭିଡିଲେ ଗ୍ରାମବାସୀ

କୋରୁକୋଣ୍ଡା, ୧।୪(ଡି.ଏନ.ଏ.)

ଖରା ଦିନରେ ଜଙ୍ଗଲରେ ନିଆଁ ଲାଗୁଛି। ପ୍ରତିବର୍ଷ ହଜାର ହଜାର ହେକ୍ଟର ମୂଲ୍ୟବାନ ଜଙ୍ଗଲ ପୋଡି ପାଉଁଶ ହେଉଛି। ବନ୍ୟଜନ୍ତୁ ଲୋପ ହେବାକୁ ବସିଲେଣି। ସରକାରୀ ସ୍ତରରେ ଜଙ୍ଗଲ ବିଭାଗ ସୀମିତ କର୍ମଚାରୀଙ୍କୁ ନେଇ ମୁକାବିଲା କରିବାରେ ସଫଳ ହୋଇ ପାରୁନାହିଁ। ଏହାକୁ ରୋକିବା ଲାଗି ଏବେ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। କୋରକୁଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତର ଡୁଟେଲଗୁଡା ଗ୍ରାମ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରୀଷ୍ମ ଋତୁରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନିଜ ହାତକୁ ନେଇଛନ୍ତି। ସେଥିପାଇଁ ଡୁଟେଲଗୁଡା ବନ ସୁରକ୍ଷା ସମିତିର



ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ନେଇ ଫାୟାର ଲାଇନ୍ କାଟୁଛନ୍ତି।

ପ୍ରତ୍ୟକ୍ଷ ସହଯୋଗରେ ଗ୍ରାମବାସୀମାନେ ଫାୟାର ଲାଇନ ତିଆରି କରିଛନ୍ତି। ଗ୍ରାମର ନିଷ୍ପତ୍ତି ଅନୁଯାୟୀ ବର୍ଷାଋତୁ ଆସିବା ପର୍ଯ୍ୟନ୍ତ ଗ୍ରାମବାସୀ ନିଜ ସାଧ ମତେ ଜଙ୍ଗଲ ଜଗିବେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ଜଙ୍ଗଲ ଉପରେ ନିର୍ଭର କରୁଥିବା ଅଧିବାସୀଙ୍କୁ ଜଙ୍ଗଲ ଉପରେ ଆଂଶିକ ଅଧିକାର ଦେବା ପାଇଁ ୧୯୯୦ରେ ବନ ସୁରକ୍ଷା ସମିତି ନାଁରେ ଆଇନ ପ୍ରଣୟନ କରିଛନ୍ତି। ଫଳରେ ଗାଁ କମିଟି ଜଙ୍ଗଲରୁ ଅବାଧ ଗଛକଟା, ବନ୍ୟଜନ୍ତୁ ଶିକାର ସହିତ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବେ। ବିନିମୟରେ ଜଙ୍ଗଲରୁ ଜାଳେଣି କାଠ ସହିତ, ଜଙ୍ଗଲଜାତ ଦ୍ରବ୍ୟରୁ ଅର୍ଥ ଉପାର୍ଜନ ବନ ସୁରକ୍ଷା ସମିତି ମାଧ୍ୟମରେ କରିପାରିବେ।

# ପୌର ପରିଷଦ ପକ୍ଷରୁ ୨ ଉଦ୍ୟାନ ଉଦ୍‌ଘାଟିତ

ସୁନାବେଡା, ୧।୪(ସ୍ୱ.ପ୍ର.)

ଗୁରୁବାର ଓଡିଶା ଦିବସ ଅବସରରେରେ ସୁନାବେଡା ପୌର ପରିଷଦ ପକ୍ଷରୁ ସହରବାସୀଙ୍କ ସକାଶେ ନୂତନ ରୂପେ ବିଜୁ ପଟ୍ଟନାୟକ ଉଦ୍ୟାନ ଓ ମହାତ୍ମାଗାନ୍ଧୀ ଉଦ୍ୟାନ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପାଡାଲ ମୁଖ୍ୟଅତିଥି, ସମ୍ମାନିତ ଭାବେ ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ଅହମ୍ମଦ ଅବଦୁଲ ଅଖତର, ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଲଳିତ କୁମାର କଅଁର, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନି, ପିଡ଼ି ପ୍ରବୀର କୁମାର ନାୟକ ,ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ। ବିଜୁ ପଟ୍ଟନାୟକ ଉଦ୍ୟାନ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଓ ମହାତ୍ମାଗାନ୍ଧୀଙ୍କ ଉଦ୍ୟାନ ଲାଗି ୧ କୋଟି ଟଙ୍କା ବ୍ୟୟ କରାଯାଇଛି। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଏକ ପ୍ରତିମୂର୍ତ୍ତି ତାଙ୍କ ଉଦ୍ୟାନରେ ରହିଛି। ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ,କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ନାୟକ, ପୌର ପରିଷଦର ସମସ୍ତ କର୍ମଚାରୀ ଓ ବିଜେଡିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବୁଧବାର ପୌର ପରିଷଦ ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥିମାନେ ସଫେଇ କର୍ମଚାରୀଙ୍କ କାର୍ଯ୍ୟର ଭୂୟଶୀ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ଶ୍ରେଷ୍ଠ ସ୍ୱଚ୍ଛସାଥୀ,ସ୍ୱଚ୍ଛ ସୁପର ଭାଇଜର, ଶ୍ରେଷ୍ଠ ସଫେଇ କର୍ମଚାରୀ, ବ୍ୟାଟେରୀ ଗାଡିଚାଳକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଅତିଥିମାନେ କର୍ମଚାରୀଙ୍କୁ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଥିଲେ।

# ସୀମାନ୍ତରେ ବିପଦରେ ଓଡ଼ିଆ ଭାଷା

କୋରାପୁଟ ୧।୪(ସ୍ୱ.ପ୍ର)

ପୋଡଶୀ ଆନ୍ଧ୍ର ଓ ଛତିଶଗଡକୁ ଲାଗି ରହିଥିବା କୋରାପୁଟ ଜିଲାର ସାମାନ୍ତ ଅଞ୍ଚଳରେ ଓଡିଆ ଭାଷା ଏକପ୍ରକାର ଅବହେଳିତ ଅବସ୍ଥାରେ ରହିଛି । ଜିଲାର କୋଟିଆ ପଞ୍ଚାୟତର ୨୧ଟି ଗ୍ରାମ ଓ ଚାଟୁଆ ପଞ୍ଚାୟତର ବୋରାମୁଠାର ୧୨ଟି ଗ୍ରାମ, ନାରାୟଣପାଟଣା ଏଡାବାଲସା, ବନ୍ଧୁଗାଁ ବ୍ଲକର ଆଲମଣ୍ଡା ପଞ୍ଚାୟତର କେତେକ ଗ୍ରାମ , ନନ୍ଦପୁର ବ୍ଲକର ରାଇପଡା, ଛତିଶଗଡ ସୀମାନ୍ତରେ ଥିବା କୋଟପାଡ ବ୍ଲକର ଚାନ୍ଦିଲି ଓ ଧନୁପୁଞ୍ଜି ଆଦି ବହୁ ଗ୍ରାମରେ ଓଡିଆ ଭାଷା ତାର ସତ୍ତା ଖୋଜୁଛି । ଏହି ସବୁ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକୁ ବିଭିନ୍ନ କାରଣରୁ ଶିକ୍ଷକମାନେ ବିଦ୍ୟାଳୟ ଯିବା ଆସିବାରେ ପ୍ରତିବନ୍ଧକ ହେଉଥିବାରୁ ପିଲା ଓଡ଼ିଆ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଏହିସବୁ ଅଞ୍ଚଳରେ ଓଡିଆ ଭାଷା ଏବେ ବିପଦରେ ରହିଛି । କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ ଅଂଗତ କୋଟିଆ ପଂଚାୟତରେ ଥିବା ୨୦ଟି ବିଦ୍ୟାଳୟ, ନାରାୟଣପାଟଣା ବ୍ଲକ ଓ କୋଟପାଡ ବ୍ଲକ ଏବଂ ବନ୍ଧୁଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଅବସ୍ଥାରୁ ଏହା ସ୍ପଷ୍ଟ ଅନୁମେୟ।

# ଗୁଣପୁରରେ ଓଡ଼ିଶା ଦିବସ ପାଳିତ

ଗୁଣପୁର,୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପଜିଲାପାଳ ଜେ.ସୋନାଲ୍, ପଦ୍ମଶ୍ରୀ ମନୋନିତା ଶାନ୍ତି ଦେବୀ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କୁ ମନେପକାଇଥିଲେ। ଏଥିରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ବଂଶଧାରା ସାହିତ୍ୟ ସମାଜରେ କୈଳାସ ଦାସ, ପ୍ରଭାତ ଶତପଥୀ, ସିମାଞ୍ଚଳ କର, ପ୍ରତାପ ରାୟ, ଅକ୍ଷୟ ରଥ, ରମେଶ ମିଶ୍ର, ପ୍ରଶାନ୍ତ ହୋତା, ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଏସ୍‌ଏଲ୍‌ଏନ୍‌ଏମ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଶିକ୍ଷକ ପ୍ରଫୁଲ ଶତପଥୀଙ୍କ ଅଧ୍ୟକ୍ଷତାରେ ଏବଂ ଗାନ୍ଧୀ ପବ୍ଲିକ୍ ସ୍କୁଲରେ ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ସରସ୍ୱତୀ ଶିଶୁ ମନ୍ଦିରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

# କୋଟିଆ ପଞ୍ଚାୟତର ୨ ସ୍ଥାନରେ ଓଡ଼ିଶା ଦିବସ

ପଟ୍ଟାଙ୍ଗୀ,୧।୪(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ଗୁରୁବାର ଓଡ଼ିଶା ଦିବସ ପାଳନ ହୋଇ ଯାଇଛି। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଣ୍ଡପରେ ଓଡ଼ିଶା ଲେଖକ ପାଠକ ସମ୍ମେଳନ ଏବଂ କୋରାପୁଟ ସତ୍ୟା ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶା ଦିବସ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ଜୟପୁରର ବରିଷ୍ଠ ନାଗରିକ ମଞ୍ଚ, ଦାମନଯୋଡ଼ି ବର୍ଷା ସାହିତ୍ୟ ସଂସଦ ଓ ସୁନାବେଡ଼ା ସାହିତ୍ୟ ସଂସଦ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆନ୍ଧ୍ରର ସାଲୁର ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ମାଳତି ଦୋରା ପାଙ୍ଗୀ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ସମୟରେ ପଞ୍ଚାୟତର ପାରିପାର୍ଶ୍ୱିକ ଉନ୍ନତି ସହ କୋଟିଆ ଗ୍ରାମପୁଞ୍ଜର ପ୍ରକୃତ ବିକାଶ ସହ ଲୋକଙ୍କ ଅର୍ଥନୀତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗୀ , ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଅବସରପ୍ରାପ୍ତ ଜିଲାପାଳ ଗଦାଧରେ ପରିଡ଼ା, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଗଦାଧର ସ୍ୱାଇଁ, କୃଷ୍ଣଚନ୍ଦ୍ର ସିଂ, ପଣ୍ଡିତ ଗଙ୍ଗାଧର ନନ୍ଦ , ଜଳନ୍ଧର ସ୍ୱାଇଁ, ଜୟନ୍ତ ମିଶ୍ର ସଂଯୋଜିକା ଝାନ୍‌ସୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ବିଧାୟକ ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଞ୍ଚାୟତର ଗୁମେଲପଦର, କରଞ୍ଜଗୁଡା, ମାଥଲାଆମ୍ବ, ତଳପଦିକି , ଟାଉପଦର ଏବଂ ଥୁରିଆ ଗ୍ରାମର ୧୬ ଜଣଙ୍କୁ ନୂତନ ରୂପେ ଭତ୍ତା ପ୍ରଦାନ କରିଥିଲେ। ୩୪ ଜଣଙ୍କୁ କିଟ୍, ୨ ଜଣଙ୍କୁ ବାଣିଶ୍ରୀ ଏବଂ ୫ ଜଣଙ୍କୁ ଯୁଡି ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହିସମୟରେ ବ୍ଲକ ଅଧକ୍ଷ ପାଙ୍ଗୀ , ଉପଜିଲାପାଳ ଲଳିତ ମୋହନ କଅଁର, ପିଡି ଡିଆର୍‌ଡିଏ ପ୍ରବୀର କୁମାର ନାୟକ, ସରପଞ୍ଚ ବିଶ୍ୱନାଥ ଖିଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ବିଶ୍ୱାସ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ମାଳିପୁଟ ପିଇଓ ଦିବାକର ପୁରୋହିତ, ପ୍ରତୀକ୍ଷା ଗୌଡ ଓ ଯୋଗାଣ ସହାୟକ ରୀନା ଖିଲ ପରିଚାଳନା କରିଥିଲେ।

# କୋରାପୁଟରେ ଜିଲାସ୍ତରୀୟ ଓଡ଼ିଶା ଦିବସ

କୋରାପୁଟ,୧।୪(ସ୍ୱ.ପ୍ର)

କୋରାପୁଟ ଜିଲା ପ୍ରଶାସନ ଏବଂ ସ୍ମାରକୀ କମିଟିର ମିଳିତ ଆନୁକୂଲ୍ୟରେ ଗୁରୁବାର କୋରାପୁଟଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଧୁସୁଧନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି ,ସଦାଶିବ ତ୍ରିପାଠୀ, ଆମ୍ବେଦକର, ଶହୀଦ ଲକ୍ଷ୍ମଣ ନାୟକ, ସୁବାଷ ଚନ୍ଦ୍ର ବୋଷ ଲାଲ ବାହାଦୁର ଶାସ୍ତ୍ରୀ ଓ ସ୍ଥାନୀୟ ଗାନ୍ଧୀ ପାର୍କରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା ତୁଳସି କିରସାନି, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ସ୍ମାରକୀ କମିଟି ସଭ୍ୟ ରମା ଶର୍ମା, ଅରୁଣ ଦାସ, ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ପୌରାଧକ୍ଷ ଭଗବାନ ବାହନୀପତିଙ୍କ ସମେତ ଅନ୍ୟମାନେ




ଉଦ୍‌ଘାଟିତ ଲାଇଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି କୋରାପୁଟ ନାଗରିକ ମଞ୍ଚ ପକ୍ଷରୁ ବସଷ୍ଟାଣ୍ଡଠାରେ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ କରାଯାଇଥିଲା । କୋରାପୁଟ ଟାଉନ ଥାନା ପକ୍ଷରୁ ସହରବାସୀଙ୍କୁ କରୋନା ଉପରେ ସଚେତନ କରାଯାଇଥିଲା। କୋରାପୁଟ ଆମ୍ବେଡକର ପାର୍କଠାରେ ନିର୍ମାଣ କରାଯାଇଥିବା ଆଇ ଲଭ କୋରାପୁଟର ଏକ ଲାଇଟ ସିଷ୍ଟମ ଶୁଭାରମ୍ଭ ହୋଇଥିଲା । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ମୁଖ୍ୟ ସମାରୋହରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଜିଲାପାଳ ଅବଦଲ ମହମ୍ମଦ ଅଖତାର ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ , ଜିଲା ପରିଷଦ ଅଧକ୍ଷା ତୁଳସି କିରସାନି, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ପିଡି ଡିଆରଡିଏ ପ୍ରବୀର ନାୟକ ଉପସ୍ଥିତ ଥିଲେ ।

# ନେରେଡିବାଲସାରେ ଆନ୍ଧ୍ରର ଗ୍ରାମସଭା

ପଟ୍ଟାଙ୍ଗୀ,୧।୪(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ଗୁରୁବାର ଓଡ଼ିଶା ଦିବସ ପାଳନ ହେଉଥିବା ବେଳେ ଆନ୍ଧ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ସୀମାନ୍ତ ନେରେଡିବାଲସାରେ ନିଜ ସରକାର ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରି ଗ୍ରାମସଭା କରୁଥିବା ଦେଖିବାକୁ ମିଳିଛି । ଉକ୍ତ ଗ୍ରାମରେ ବିଜୟନଗରମ ଜିଲା ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମସଭା ଆୟୋଜିତ ହୋଇଥିଲା। ଏଥିରେ ପାର୍ବତୀପୁର ପିଆଇଟିଡିଏର ଆର. କୋର୍ମନାଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନେରେଡିବାଲସା



ଆନ୍ଧ୍ର ପକ୍ଷରୁ ନେରେଡିବାଲସାରେ ଚାଲିଥିବା ବୈଠକ।

ରେ ୫୦ ହଜାର ଏକର ହେକ୍ଟର ଜମିରେ ଫଳଚାଷ ସମ୍ପର୍କରେ ଆଲୋଚନା ହୋଇ ଯୋଜନା ପ୍ରସ୍ତୁତ ହୋଇଛି । ସେହିପରି ତଳ ଗଞ୍ଜେଇ ପଦର ଗ୍ରାମରେ ମଧ ୭୦ ହଜାର ଏକର ଜମିରେ ଫଳ ଚାଷ କରାଯିବାକୁ ଆଲୋଚନା ହୋଇଛି। ସାଲୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜି. ପାର୍ବତୀ, ସାଲୁର ତହସିଲଦାର କେ. ଶ୍ରୀନିବାସ ରାଓଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

